## ତହସିଲଦାରଙ୍କ କାର୍ଯ୍ୟାଳୟ, ଜଳେଶ୍ୱର

ସଂଖ୍ୟା.୧୩୮୬ତା. ୫.୬.୨୦୧୮

### ଲଘୁ ଖଣିଜ ଲିଜ୍ ନିମନ୍ତେ ବିଜ୍ଞାପନ

ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ୍-୨୦୧୬ ଓ ତତ ସଂପୃକ୍ତ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ-୨୦୧୭ ଓ ୨୦୧୮ ଅନୁଯାୟୀ।

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଜଳେଶ୍ୱର ତହସିଲ ଅନ୍ତର୍ଗତ ଦର୍ଶୀତ ତାଲିକା (ପରିଶିଷ୍ଟ) ଅନୁଯାୟୀ ସଇରାତ (ବାଲି) ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) କୁ ଅନ୍ୟୁନ ୫ (ପାଂଚ) ବର୍ଷ ନିମନ୍ତେ (୨୦୧୮-୧୯ ଆର୍ଥୀକ ବର୍ଷଠାରୁ ୨୦୨୨-୨୩ ପର୍ଯ୍ୟନ୍ତ) ଦୀର୍ଘ ମିଆଦି ଲିଜ୍ ସୂତ୍ରେ ନେବାପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ ର ଫର୍ମ-'M' (୩ ସେଟ) ପୁରଣ କରି ନିମ୍ନଲିଖିତ ଆବଶ୍ୟକୀୟ ପ୍ରମାଣ ପତ୍ର ଓ କାଗଜାତ ସହିତ ଦରଖାସ୍ତ ଦାଖଲ କରିପାରିବେ ।

୧. ଦରଖାସ୍ତ ଫି ବାବଦକୁ ଟ.୧୦୦୦/- (ଏକ ହଜାର ଟଙ୍କା)ର ଟ୍ରେଜେରି ଚାଲାଣ (Head of Account-0853-Non-Ferrous Mining and Metallurgical Industries-102-Mineral Concession Fees, Rents and Royalties) । ଏହି ଦରଖାସ୍ତ ଫି ଫେରସ୍ତ ଦିଆଯିବ ନାହିଁ ।

୨. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣୀଜ ଦେୟ ବକେୟା ନ ଥିବା ଦର୍ଶାଇ ସତ୍ୟପାଠ ।

୩. ବାର୍ଷିକ ନ୍ୟୁନତମ ଧାର୍ଯ୍ୟ ଉତୋଳନ ପରିମାଣ ଉପରେ ନୋଟିସ ଉଲ୍ଲେଖିତ ମୁତାବକ ଅତିରିକ୍ତ ଦେୟ ଓ ରୟାଲ୍‌ଟିର ଶତକଡା ୫ ଭାଗ ରାଶି EMD (Earnest Money Deposit) ନିମନ୍ତେ ତହସିଲଦାର ଜଳେଶ୍ୱରଙ୍କ ନାମରେ ବ୍ୟାଙ୍କ ଡ୍ରାଫଟ ଆକାରରେ ଦରଖାସ୍ତ ଫର୍ମ-'M' ସହିତ ଦାଖଲ ଦେବେ ।

୪. ବାର୍ଷିକ ନ୍ୟୁନତମ ଧାର୍ଯ୍ୟ ଉତୋଳନ ପରିମାଣ (Minimum Guaranteed Quantity) ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲ୍‌ଟିର ସମପରିମାଣର ଏକ ଶୋଧକ୍ଷମ ପ୍ରମାଣପତ୍ର (Solvency Certificate) କିମ୍ବା ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee) (valid for 18 months) =Minimum Guaranteed Quantity multiplied by (Offered additional charge + Royalty)] ।

୫. ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ସ୍ଥାବର ସମ୍ପତିର ତାଲିକା ।

ଆବେଦନକାରୀ ଦରଖାସ୍ତଟିକୁ ଜଉମୁଦ ଦିଆ ଲଫାଫାରେ ରେଜିଷ୍ଟ୍ରି ଡାକ/କ୍ଷିପ୍ର ଡାକ (Registered/Speed post) ଯୋଗେ ତହସିଲଦାର, ଜଳେଶ୍ୱରଙ୍କ ଠିକଣାରେ ପଠାଇବାକୁ ହେବ କିମ୍ବା ଜଳେଶ୍ୱର,ତହସିଲକାର୍ଯ୍ୟାଳୟରେ ଜଉମୁଦ ଦିଆଯାଇ ରଖାଯାଇଥିବା ଟେଣ୍ଡର ବାକ୍ସରେ ତା. ୨୮.୦୬.୨୦୧୯ ରିଖ ମଧ୍ୟରେ ଯେକୌଣସି ସରକାରୀ କାର୍ଯ୍ୟ ଦିବସ ଓ ସମୟରେ ପକାଇପାରିବେ । ଆବେଦନକାରୀ ଲଫାଫା ଉପରେ ଆବେଦନ କରୁଥିବା ଉତ୍ସର ନାମ ପରିଷ୍କାର ଭାବେ ଲେଖିବା ଅନିବାର୍ଯ୍ୟ ଅଟେ । ଦରଖାସ୍ତକାରୀ ଦରଖାସ୍ତରେ ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମୂଲ୍ୟ ଉପରେ ଶତକଡା ୫ ପ୍ରତିଶତ ଯୋଗ କରି ତଦୁର୍ଦ୍ଧ ମୂଲ୍ୟ ଦର୍ଶାଇବେ ଏହାଠାରୁ କମ୍ ମୂଲ୍ୟ ଦର୍ଶାଇଲେ ତାହା ଗ୍ରହଣୀୟ ହେବ ନାହିଁ ଏବଂ ନିଲାମ ଦରଖାସ୍ତଟି ନାକଚ ହେବ । ଉକ୍ତ ନିର୍ଦ୍ଧାରିତ ତାରିଖ ପରେ ଡାକଦ୍ୱାର ପ୍ରାପ୍ତ ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ କିମ୍ବା ଡାକ ଜନିତ ବିଳମ୍ବ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଟେଣ୍ଡରେ ଆବେଦନ କରୁଥିବା ବ୍ୟକ୍ତିବିଶେଷ ଉତ୍ସକୁ ସମ୍ପୂର୍ଣ୍ଣ ଭାବେ (ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଛିତଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ)ପରିଦର୍ଶନ ଓ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜ୍ ନେବା ପରେ ବାଲି ଉତ୍ସ ପରିଚାଳନା ସଂମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ଜନିତ କାରଣ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଦରଖାସ୍ତ ଗୁଡିକୁ ଉପସ୍ଥିତ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ତା ୨୯.୦୬.୨୦୧୯ ରିଖ ଦିବା ୧୧.୩୦ଘଟିକା ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯାଇ ତନଖି କରାଯିବ । ଆବେଦିତ ଦରଖାସ୍ତ ଗୁଡିକ ମଧ୍ୟରୁ ଯୋଗ୍ୟ ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯାଇ, ତନ୍ମଧ୍ୟରୁ ସର୍ବାଧିକ ଅତିରିକ୍ତ ଦେୟ ତଥା ରୟାଲିଟି ମୂଲ୍ୟ ଦର୍ଶାଇଥିବା ଦରଖାସ୍ତକାରୀଙ୍କୁ ଯୋଗ୍ୟ ବିବେଚିତ କରାଯିବ ଏବଂ ସଂପୃକ୍ତ ଆବେଦନକାରୀଙ୍କୁ ମନୋନୀତ ତଥା ଲିଜ ସମନ୍ଧୀୟ ସର୍ତ୍ତାବଳି ବାବଦରେ ନିର୍ଦ୍ଧାରିତ ଫର୍ମରେ ୭ ଦିନ ମଧ୍ୟରେ ଜଣାଇ ଦିଆଯିବ । ଏକାଧିକ ବ୍ୟକ୍ତି ସଂମ୍ପୃକ୍ତ ସଇରାତ ଉତ୍ସ ନିମନ୍ତେ ଅତିରିକ୍ତ ଦେୟ ସମାନ ଦର୍ଶାଇଥିଲେ, ଲଟେରି ମାଧ୍ୟମରେ ଯୋଗ୍ୟ ଦରଖାସ୍ତକାରୀ ସ୍ଥିର କରାଯିବ ।

ଏହି ସୂଚନା ପାଇବାର ୧୫ ଦିନ ମଧ୍ୟରେ ମନୋନୀତ ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ରେ ଥିବା ସର୍ତ୍ତାବଳୀକୁ ସମ୍ମତି ପ୍ରଦାନ କରିବେ ଏବଂ ତତ୍ ସଙ୍ଗେସଙ୍ଗେ ନ୍ୟୁନତମ ଧାର୍ଯ୍ୟ ଉତୋଳନ ପରିମାଣ ଉପରେ ଦରଖାସ୍ତରେ ଦର୍ଶାଇଥିବା ବର୍ଷିକ ଅତିରିକ୍ତ ଦେୟ ତଥା ରୟଲଟି ପରିମାଣର ଏକ ଚତୁର୍ଥାଂଶ ସହିତ ଜିଲ୍ଲା ଖଣିଜ ପାଣ୍ଠି ବାବଦକୁ ଥିବା ୧୦% (ରୟାଲଟି ଓ ଅତିରିକ୍ତ ଦେୟ ଉପରେ) ଦେୟରୁ Earnest Money କୁ ବାଦ ଦେଇ ବଳକା ରାଶି ଜମା କରିବେ । ଉକ୍ତ ଜମା ରାଶି ତଥା Earnest moneyକୁ ବିନା ସୁଧରେ ଅମାନତ ରାଶି (Security deposit) ଆକାରରେ ଜମା ରଖାଯିବ । ଯଦି ମନୋନିତ ଆବେଦନକାରୀ ୧୫ ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି କିମ୍ବା ଉପରୋକ୍ତ ରାଶି ଜମା ନ କରନ୍ତି, ତେବେ ତାଙ୍କର EMD ବାବଦକୁ ଜମାଥିବା ରାଶି ବାଜ୍ୟାପ୍ତ କରାଯାଇ ସରକାରଙ୍କ ତହବିଲରେ ଜମା ହେବ ଏବଂ ଦ୍ୱିତୀୟ ସର୍ବାଧିକ ସମୁଚିତ ଅତିରିକ୍ତ ଦେୟ ତଥା ରୟାଲ୍‌ଟି ମୂଲ୍ୟ ଦର୍ଶାଇଥିବା ଦରଖାସ୍ତକାରୀଙ୍କୁ ସୁଯୋଗ ଦିଆଯିବ । ମନୋନୟନ ପ୍ରକ୍ରିୟା ସଂପୂର୍ଣ୍ଣ ହେବା ପରେ ଅକୃତକାର୍ଯ୍ୟ ଆବେଦନକାରୀ ମାନଙ୍କୁ ଜମା ଦେଇଥିବା Earnest Money ଫେରସ୍ତ କରାଯିବ ।

ଯୋଗ୍ୟ ବିବେଚିତ ହୋଇଥିବା ଦରଖାସ୍ତକାରୀ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା Mining Plan ବାବଦକୁ ଆବଶ୍ୟକୀୟ ସରକାରୀ ଦେୟ ରାଶି ସହିତ Security deposit ଅର୍ଥ ପୈଠ କରିବେ ଏବଂ ଯଥାଶୀଘ୍ର ଭାରତ ସରକାରଙ୍କ ଅଧିସୂଚନା ସଂଖ୍ୟା-୧୫୩୩ ତା.୧୪.୦୯.୨୦୦୬ ରିଖ ଅନୁଯାୟୀ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ ଅନୁମୋଦିତ ପୂର୍ବକ Environment Clearance କ୍ଷମତା ପନ୍ନ ପ୍ରାଧିକାରୀ ତଥା ତହସିଲଦାର , ଜଳେଶ୍ୱରଙ୍କ ଠାରେ ଦାଖଲ କରିବେ । ପ୍ରାଧୀକୃତ ଅଧିକାରୀ Mining Plan ରେ ଦର୍ଶାଇଥିବା ଲଘୁ ଖଣିଜ ଉତୋଳନ ପରିମାଣ ତଥା ବାର୍ଷିକ ନ୍ୟୁନତମ ଧାର୍ଯ୍ୟ ଉତୋଳନ ପରିମାଣ (Minimum Guaranteed Quantity) ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟ ସହିତ ଟ.୧୦,୦୦୦/-ଙ୍କା (Security deposit for due observance of the terms and conditions of the lease) as per Rule (42) of OMMC Rules, 2016 ଅନୁସାରେ ସମସ୍ତ ରାଶି ଲିଜ୍ ଧାରୀଙ୍କୁ ଏକକାଳିନ ଦାଖଲ କରିବାକୁ ପଡିବ । ଏହାବ୍ୟତିତ ଆବେଦନକାରୀ ବା ଲିଜ୍ ଧାରୀ ଦାଖଲ କରିଥିବା ସମସ୍ତ ଅତିରିକ୍ତ ଦେୟ ତଥା ରୟାଲିଟି ମୂଲ୍ୟର ଶତକଡା ୫ ଭାଗ ଅର୍ଥ ପରିବେଶ ପରିଚାଳନା ପାଣ୍ଠି (EMF) ଏବଂ ସରକାରଙ୍କ ଦ୍ୱାରା ନିର୍ଧାରିତ District Mineral Foundation ବାବଦକୁ ଅର୍ଥ ଜମା କରିବାକୁ ପଡିବ । ଧାରା-୩୨ ଅନୁଯାୟୀ ଲିଜଧାରୀଙ୍କୁ ପ୍ରତ୍ୟେକ ବର୍ଷ ଧାର୍ଯ୍ୟ କରାଯାଇଥିବା Dead rent, ଯଦି compensatory afforestation (କ୍ଷତିପୂରକ ବନୀକରଣ) ବବାଦକୁ କୌଣସି ଧାର୍ଯ୍ୟ ଫି ଏବଂ surface rent ଦାଖଲ କରିବାକୁ ପଡିବ । ଲିଜଧାରୀଙ୍କୁ ସରକାରଙ୍କ ଦ୍ୱାରା ସମୟାନୁକ୍ରମେ ବର୍ଦ୍ଧିତ ହେଉଥିବା ରୟାଲିଟି/dead rent ଓ ଅନ୍ୟାନ୍ୟ ଦେୟର ଧାର୍ଯ୍ୟ ମୂଲ୍ୟ ଜମାକରିବାକୁ ପଡିବ । ଏହାପରେ ଲିଜ୍‌ଧାରୀ ୭ (ସାତ) ଦିନ ମଧ୍ୟରେ ନିଜ ଖର୍ଚ୍ଚରେ prescribed Form-N of OMMC Rules, 2016 and OMMC (Ammedment) Rules 2018 ଅନୁଯାୟୀ ଲିଜ୍ Agreement ବା ଚୁକ୍ତି (ରେଜିଷ୍ଟ୍ରେସନ ଆକ୍ଟ-୧୯୦୮ ଓ ଷ୍ଟାମ୍ପ ଆକ୍ଟ-୧୮୯୯ ଅନୁସାରେ) ସମ୍ପାଦନ କରିବେ । ଯଦି ନିର୍ବାଚିତ ଦରଖାସ୍ତକାରୀ ଚୁକ୍ତି ସମ୍ପାଦନ ପୂର୍ବରୁ ନିର୍ଦ୍ଧାରିତ ମୂଲ୍ୟ ଜମା ନକରନ୍ତି ତେବେ ତାଙ୍କର EMD ଓ ଜମା କରିଥିବା ସମସ୍ତ ରାଶି ବାଜ୍ୟାପ୍ତ କରି ସରକାରଙ୍କ ନିକଟରେ ଜମା ଦିଆଯିବ । ମନୋନିତ ଲିଜ୍‌ଧାରୀ ଧାର୍ଯ୍ୟ ସମୟସୀମା ମଧ୍ୟରେ Environment Clearance ଜମା କରି ନ ପାରିଲେ, କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ନିକଟରେ ଆବଶ୍ୟକୀୟ ସମସ୍ତ Clearance ନିମନ୍ତେ ଆବେଦନର ପ୍ରମାଣ ସହ ସମୟ extension ପାଇଁ ଦରଖାସ୍ତ କରିବେ ଏବଂ ତାହାର Acknowledgement କ୍ଷମତା ପ୍ରାପ୍ତ ଅଧିକାରୀଙ୍କଠାରୁ ନେବେ ।

ଲିଜଧାରୀ ନିର୍ଦ୍ଧାରିତ ନିୟମର ଉଲଂଘନ କଲେ ଜମା ଦେଇଥିବା ସିକ୍ୟୁରିଟି ଜମା ରାଶିକୁ ବାଜ୍ୟାପ୍ତି କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

ଲିଜଧାରୀ ମୋଟ ରୟାଲଟି ଓ ଅତିରିକ୍ତ ଦେୟ ଉପରେ ୨% (ଶତକଡା ଦୁଇ) ଆୟକର ବାବଦକୁ ଓ ଆୟକର ମୂଲ୍ୟରେ ୧୦% ସେସ ନିମନ୍ତେ ଜମା କରିବେ ।

ବାଲି ଲିଜଧାରୀ ନଦୀ ଶଯ୍ୟାରେ ସର୍ବାଧିକ ୩ ମିଟର କିମ୍ବା ଜଳସ୍ତର ପର୍ଯ୍ୟନ୍ତ, ଯାହା ସର୍ବନିମ୍ନ ହେବ, ତଦନୁସାରେ ବାଲି ଉତୋଳନ ସିମୀତ ରଖିବାକୁ ବାଧ୍ୟ ରହିବେ ।

ଯଦି ପ୍ରଥମ ଧାର୍ଯ୍ୟ ତାରିଖରେ କୌଣସି ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜ୍‌ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି, ତା ହେଲେ ତା ୦୯.୦୭.୨୦୧୯ ରିଖ ଅପରାହ୍ଣ ୪ ଘଟିକା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ଇଚ୍ଛୁକ ବ୍ୟକ୍ତିମାନେ ଉପରୋକ୍ତ ମତେ ଦରଖାସ୍ତ ଦାଖଲ କରିପାରିବେ । ଏହି ତାରିଖରେ ପ୍ରାପ୍ତ ଦରଖାସ୍ତ ଗୁଡିକୁ ଉପସ୍ଥିତ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ତା.୧୦.୦୭.୨୦୧୯ ରିଖ ଦିବା ୧୧.୩୦ ଘଟିକା ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯାଇ ତନଖି କରାଯିବ ଏବଂ ତନ୍ମଧ୍ୟରୁ ମନୋନୀତ ଆବେଦନକାରୀଙ୍କୁ ୭ ଦିନ ମଧ୍ୟରେ ଜଣାଇ ଦିଆଯିବ । ସେହିପରି ଯଦି ଦ୍ୱିତୀୟ ଥର ମଧ୍ୟ କୌଣସି ଉତ୍ସ ପାଇଁ ଆଦୌ ଦରଖାସ୍ତ ଆସିନଥାଏ କିମ୍ବା ସମସ୍ତ ଦରଖାସ୍ତକାରୀ ଅଯୋଗ୍ୟ ବିବେଚିତ ହୁଅନ୍ତି ତେବେ ତୃତୀୟଥର ପାଇଁ ତା.୧୯.୦୭.୨୦୧୯ ରିଖ ଅପରାହ୍ଣ ୪ ଘଟିକା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ଇଚ୍ଛୁକ ବ୍ୟକ୍ତିମାନେ ଉପରୋକ୍ତ ମତେ ଦରଖାସ୍ତ ଦାଖଲ କରିପାରିବେ । ଏହି ତାରିଖରେ ପ୍ରାପ୍ତ ଦରଖାସ୍ତ ଗୁଡିକୁ ଉପସ୍ଥିତ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ତା.୨୦.୦୭.୨୦୧୯ ରିଖ ଦିବା ୧୧.୩୦ ଘଟିକା ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯାଇ ତନଖି କରାଯିବ ଏବଂ ତନ୍ମଧ୍ୟରୁ ମନୋନୀତ ଆବେଦନକାରୀଙ୍କୁ ୭ ଦିନ ମଧ୍ୟରେ ଜଣାଇ ଦିଆଯିବ ।

କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବା, ପରିବର୍ତ୍ତନ କରିବା, ତ୍ରୁଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି ।

ସଂଲଗ୍ନକ;- ପରିଶିଷ୍ଟ-୧ (Annexure-I)

ଦରଖାସ୍ତ ନମୁନା (Form-M)

ତହସିଲଦାର, ଜଳେଶ୍ୱର

ଜ୍ଞାପକ ସଂଖ୍ୟା. ୧୬୩୮୬ / ତା. ୩ / ୬ /୨୦୧୯ ରିଖ ।

ଏହାର ଏକକିତା ନକଲ ଜିଲ୍ଲାପାଳ, ବାଲେଶ୍ୱରଙ୍କ କାର୍ଯ୍ୟାଳୟ/ ଉପଜିଲ୍ଲାପାଳ, ବାଲେଶ୍ୱରଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ ପାଇଁ ପ୍ରେରଣ କରାଗଲା ।

ଏକକିତା ନକଲ ତହସିଲଦାର ଜଳେଶ୍ୱରଙ୍କ ନୋଟିସ ବୋର୍ଡ/ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଜଳେଶ୍ୱର/ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ/ ଜଳେଶ୍ୱର, ମୁନିସିପାଲିଟି/ସଂପୃକ୍ତ ଗ୍ରାମପଂଚାୟତ କାର୍ଯ୍ୟାଳୟ/ସମ୍ପୃକ୍ତ ଥାନା କାର୍ଯ୍ୟାଳୟଗୁଡିକରେ ମାନଙ୍କରେ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ସଇରାତ ଉତ୍ସ ଅବସ୍ଥିତ ରାଜନଗର ଗ୍ରାମରେ ଗ୍ରମବାସୀ ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଜଳେଶ୍ୱର
୩/୬/୧୯

***Annexure-I*** (ପରିଶିଷ୍ଟ)

## Jaleswar Tahasil
## Details of Sairat source to be settled.

| Sl. No. | Name of the Sairat sources | Mouza | Khata No. | Plot No. | Extent of Area in Acre. | Minimum Guaranteed Quantity (MGQ) of minor mineral to be extracted each year in Cubic Meter | Solvency certificate | Rate of Royalty per Cubic Meter in Rs. And addl. Value. | Earnest money |
|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| 1 | Rajnagar Sand Source | Rajnagar | 377 | 1300 | 13.55 | 40002 | Solvency certificate/Bank guarantee valid for eighteen months for an amount that is equal to additional charge offered and the royalty payable for the MGQ for one year. | Rs. 35/- + 5% towards addl. value | Five percent of the amount of Additional Charges and Royalty payable for one whole year for the MGQ of minor mineral to be extracted in one full year. The EMD money is to be submitted along with the application in shape of bank draft. |

NB:- The Minimum Guaranteed Quantity (MGQ) canl be re-assessed by the concerned Authority and on determination of any excess quantity the lessee shall be abide to deposit the differential amount thereof.

Tahasildar, Jaleswar.

FORM – M
Application for grant of Quarry Lease
[*See* rule 27(4)]

To

.............................................................................................................
Dated the 20

Sir,

1. I/We submit an application for a quarry lease for..............(mineral) for a term of .................... years over.............hectares of land in the area specified in the *Annexure* given below:-
2. A sum of Rs.......... payable as fee (Non-refundable) for grant of such lease under sub-rule (4) of rule 27 of the Odisha Minor Mineral Concession Rules, 20........ has been paid in the Government Treasury at.............and a receipted challan bearing No.......... dated.......is enclosed.
3. The required particulars are given below:-
   i) An affidavit stating that no mining due payable under the Act and Rules made there under is outstanding against the applicant.
   ii) Where land belongs to private persons, consent of all such persons for grant of quarry lease.
   iii) Solvency certificate and list of immovable property from the Revenue Authority.
4. (i) Name and address of the applicant..................................................
   (ii) Nationality of the applicant...........................................................
   (iii) Profession of the applicant...........................................................
   (iv) Particulars of the areas, mineral wise, within the State for which the applicant or any person having joint interest with him..................................................
      a) Already holds a quarry lease..................................................
      b) Has already applied for a quarry lease but not granted ...........................
      c) Being applied for simultaneously...........................................
      d) Nature of joint interest, if any...............................................
   (v) Means by which the minor minerals is/are to be raised, i.e. whether manual or mechanical......................
   (vi) Manner in which the minor mineral raised to be utilized-
      (a) For manufacture........................
      (b) For sale....................................
      (c) Any other purpose.....................
   (vii) Details of the plan boundary description and land schedule of the area applied for to be enclosed.

(viii) Has the applicant any previous experience in quarrying/mining? If yes, details should be given.................

(ix) Financial Resources of the applicant.

(a)

(b)

(x) Total investment in the operations anticipated.....................

(xi) Any other particulars which the applicant wishes to furnish:

(a) Name of the village/Forest Block

(b) Whether the area belongs to Scheduled Area.

(c) Details of the area applied for in each Survey Number

(d) Full description of the area applied for with regard to nature features

(e) District..................

5. Rate of additional charge (per cubic meter) quoted-

**N.B:** The application shall be summarily rejected if the rate of additional charge quoted is less than the rate of additional charge specified in the notification.

I/We hereby declare that the particulars furnished above are correct and undertake to furnish any other details, plan, etc., as may be required by you.

Yours faithfully,

Place.........

Date..........

Signature of the applicant

**N.B:** If the application is signed by an authorised agent of the applicant, the power of attorney should be attached.